# ଭାରତୀୟ ଜନତା ପାର୍ଟି, ଓଡିଶା

**ଭାରତୀୟ ଡାକ ସେବା ଦ୍ୱାରା ଆରମ୍ଭ ହେଲା ଦେଶବ୍ୟାପୀ ପେମେଂଟସ୍ ବ୍ୟାଙ୍କ୍**

## ଗରିବ ଲୋକଙ୍କୁ ବ୍ୟାଙ୍କିଙ୍ଗ୍ ସେବା ସହ ଯୋଡିବା ମୋଦି ସରକାରଙ୍କ ସବୁଠୁ ବଡ ଐତିହାସିକ ପଦକ୍ଷେପ : ବିଜେପି

- **ଦେଶବାସୀଙ୍କ ହିତରେ ମୋଦି ସରକାରଙ୍କ ଏଭଳି ଐତିହାସିକ ପଦକ୍ଷେପ ନେଇଥିବାରୁ ରାଜ୍ୟ ବିଜେପି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଲା**
- **୩,୦୦,୦୦୦ ଡାକବାଲାଙ୍କ ମାଧ୍ୟମରେ ବ୍ୟାଙ୍କିଙ୍ଗ୍ ସେବା ସିଧା ଲୋକଙ୍କ ଘର ପାଖରେ ପହଂଚିବ**
- **ପେମେଂଟସ୍ ବ୍ୟାଙ୍କ ମାଧ୍ୟମରେ ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ, ଗୃହିଣୀ, କୃଷକ, ଡିବିଟି ଲାଭାର୍ଥୀ, ବ୍ୟବସାୟୀମାନେ ଉପକୃତ ହେବେ**
- **ବିନା ପେପରରେ ୧ ମିନିଟରେ ଖୋଲିବ ପୋଷ୍ଟାଲ ପେମଂଟସ୍ ଆକାଉଂଟ**

**ଭୁବନେଶ୍ୱର, ତା ୦୧/୦୯ :** ଦେଶର ଗରିବ ଲୋକଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାର ସର୍ବଦା ବଦ୍ଧ ପରିକର । ସେଥିଲାଗି ମୋଦି ସରକାର ଅନେକ ଜନକଲ୍ୟାଣକାରୀ ଯୋଜନା ଆରମ୍ଭ କରିଛନ୍ତି । ବିଶେଷ କରି ଗାଁ ମାନଙ୍କରେ ବସବାସ କରୁଥିବା ଲୋକଙ୍କୁ ବ୍ୟାଙ୍କିଙ୍ଗ ସେବା ସହ ଯୋଡିବା ଏବଂ ସରକାରୀ ଯୋଜନାର ରାଶିଗତ ଲାଭ ସିଧାସଳଖ ବ୍ୟାଙ୍କ ଆକାଉଂଟକୁ ଯିବା ମୋଦି ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ । ଆଉ ଏବେ ଦେଶର ନାଗରିକମାନଙ୍କୁ ପୋଷ୍ଟାଲ ବ୍ୟାଙ୍କ ମାଧ୍ୟମରେ ସବୁଠାରୁ ସୁଗମ, ସହଜଲଭ୍ୟ ଓ ଭରସାଯୋଗ୍ୟ ବ୍ୟାଙ୍କ ଯୋଗାଇଦେବା ମୋଦି ସରକାରଙ୍କ ସବୁଠୁ ବଡ ଐତିହାସିକ ପଦକ୍ଷେପ ବୋଲି ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର କହିଛନ୍ତି ।

ଏହି ପୋଷ୍ଟାଲ ପେମେଂଟସ୍ ବ୍ୟାଙ୍କ ମାଧ୍ୟମରେ ବିଶେଷ କରି ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ, ଗୃହିଣୀ, କୃଷକ, ଡିବିଟି ଲାଭାର୍ଥୀ ଏବଂ ଗାଁ ମାନଙ୍କରେ ଛୋଟ ଛୋଟ ବ୍ୟବସାୟ କରୁଥିବା ବ୍ୟବସାୟୀ ମାନେ ଏହାର ଲାଭ ଉଠାଇ ପାରିବେ । ଆଇପିପିବି ଦେଶର ସର୍ବବୃହତ ନେଟୱାର୍କ ଭାରତୀୟ ଡାକ ବିଭାଗ ମାଧ୍ୟମରେ ୧.୫୫ ଲକ୍ଷ ଡାକଘରେ କାର୍ଯ୍ୟକାରୀ ହେବ । ୩ ଲକ୍ଷ ଡାକବାଲା ତଥା ଗ୍ରାମୀଣ ଡାକ ସେବକଙ୍କ ଦ୍ୱାରା ବ୍ୟାଙ୍କିଙ୍ଗ୍ ସେବା ସିଧା ଲୋକଙ୍କ ଘର ପାଖରେ ପହଂଚିବା ସହ ବିନା ପେପରରେ ୧ ମିନିଟରେ ଏହି ପୋଷ୍ଟାଲ ପେମଂଟସ୍ ଆକାଉଂଟ ଖୋଲିହେବ । ପୂର୍ବରୁ ଧନଜନ ଆକାଉଂଟ ଖୋଲି ଦେଶର କୋଟି କୋଟି ଜନତା ବ୍ୟାଙ୍କ ସହ ଯୋଡି ହୋଇ ନିଜ ଅର୍ଥନୀତିର ସୁଦ୍ଧାର କରିଛନ୍ତି । ଆଜି ଦିନରେ ବ୍ୟାଙ୍କ ସେବାରୁ ବଂଚିତ ଥିବା ଲୋକମାନଙ୍କୁ, ଦେଶର ଆର୍ଥିକ ପ୍ରଗତିରେ ସାମିଲ କରିବା ପାଇଁ ଇଣ୍ଡିଆ ପୋଷ୍ଟ ପେମେଂଟସ୍ ବ୍ୟାଙ୍କର ପ୍ରମୁଖ ଉଦ୍ଦେଶ୍ୟ । ଦେଶବାସୀଙ୍କ ହିତରେ ମୋଦି ସରକାରଙ୍କ ଏଭଳି ଐତିହାସିକ ପଦକ୍ଷେପ ନେଇଥିବାରୁ ରାଜ୍ୟ ବିଜେପି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଜଣାଇଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଦେଶର ୬୫୦ଟି ପୋଷ୍ଟ ଅଫିସ ଶାଖାରେ ଏବଂ ୩୨୫୦ଟି ଆକସେସ୍ ପଂଏଟ (ଡାକଘର)ରେ ଆଇପିପିବି ସେବା ଉଦଘାଟନ କରିଛନ୍ତି । ଏଥି ସହ ଆଗାମୀ ୩୧ ଡିସେମ୍ବର ୨୦୧୮ ସୁଦ୍ଧା ଏହି ସେବା ସମସ୍ତ ୧.୫୫ ଲକ୍ଷ ଡାକଘରେ ମାଧ୍ୟମରେ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।

ସେହିପରି ରାଜ୍ୟରେ ଆଇପିପିବିର ୩୩ଟି ଶାଖା ଏବଂ ୧୬୫ଟି ଆକସେସ୍ ପଂଏଟ ଆରମ୍ଭ ହୋଇଛି ଏବଂ ଆଗାମୀ ୩୧ ଡିସେମ୍ବର ୨୦୧୮ ସୁଦ୍ଧା ଏହି ସେବା ଅବଶିଷ୍ଟ ୮୦୫୦ ଡାକଘରେ ଉବଲବ୍ଧ ହେବ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।

ଏହା ସହ ଡାକ ବିଭାଗରେ କାର୍ଯ୍ୟରତ ଥିବା ୨.୬ ଲକ୍ଷରୁ ଅଧିକ ଗ୍ରାମୀଣ ଡାକ ସେବକମାନଙ୍କ ମଜୁରୀ ଓ ଭତାର ସଂଶୋଧନ କରାଯାଇଛି । ଜୁଲାଇ ୧ ତାରିଖରୁ ନୂଆ ଟିଏରସିଏ ପ୍ରଚଳନ କରାଯାଇଛି । ଜିଡିଏସ ମାନଙ୍କରେ ମଜୁରୀରେ ହାରାହାରି ୫୫ ପ୍ରତିଶତରୁ ଅଧିକ ମଜୁରୀ ବୃଦ୍ଧିକୁ ଶ୍ରୀ ମହାପାତ୍ର ସ୍ୱାଗତ ଜଣାଇଛନ୍ତି ।

**(ବିଜେପି ମିଡିଆ ସେଲ୍)**